# NATIONAL NEWS BULLETIN (ODIA)

## 15 September 2026

### Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ସେମିକନ୍ ଇଣ୍ଡିଆ ୨୦୨୬ ପଞ୍ଚମ ସଂସ୍କରଣକୁ ଆସନ୍ତା ଗୁରୁବାର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ନ୍ୟାୟ ପାଳିକାରେ ନିରନ୍ତର ସଂସ୍କାର ଓ ଅଧିକ ସ୍ୱଚ୍ଛତାର ଆବଶ୍ୟକତା ଉପରେ ପ୍ରଧାନ ବିଚାରପତିଙ୍କ ଗୁରୁତ୍ୱ ପ୍ରଦାନ ।
- ଗୁଜରାଟର ଗାନ୍ଧିନଗର ମହାତ୍ମା ମନ୍ଦିରରେ ଆଜିଠାରୁ ଆରମ୍ଭ ହେଉଛି ଦୁଇ ଦିନିଆ ବିଶ୍ୱ ପୁନଃ ସଂଯୋଜିତ ଅର୍ଥନୀତି ସମ୍ମିଳନୀ ।
- ୟୁପିଆଇ ୨ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦେଣନେଣ ଉପରେ କୌଣସି ଶୁଳ୍କ ଲାଗୁ କରାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ କଲେ ସରକାର ।

ଏବଂ

- ଭାରତ-ଆଫ୍‌ଗାନିସ୍ତାନ ପୁରୁଷବର୍ଗ ଚଳିତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଆଜି ଖେଳାଯିବ ଦ୍ୱିତୀୟ ମ୍ୟାଚ୍ ।

# ପିଏମ୍-ସେମିକନ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଗୁରୁବାର ଦିନ ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ-୨୦୨୬ ପଞ୍ଚମ ସଂସ୍କରଣକୁ ଉଦ୍‌ଘାଟନ କରିବେ । ଏଥିରେ ୪୦ରୁ ଅଧିକ ଦେଶର ୬୦୦ରୁ ଅଧିକ ପ୍ରଦର୍ଶକ, ୩୦୦ ଆନ୍ତର୍ଜାତିକ୍ କମ୍ପାନୀ ଓ ପ୍ରତିନିଧିମଣ୍ଡଳୀ ଅଂଶଗ୍ରହଣ କରିବେ । ପ୍ରଦର୍ଶନୀରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଷ୍ଟାର୍ଟଅପ୍ ପାଭିଲିୟନ୍ ସହ ୬ଟି ଦେଶ ଓ ୧୨ଟି ରାଜ୍ୟର ପ୍ରଦର୍ଶନୀ ମଣ୍ଡପ ସ୍ଥାନିତ ହେବ । ଭାରତ ସେମିକଣ୍ଡକ୍ଟର ମିଶନ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏବଂ ସେମି ଦ୍ୱାରା ମିଳିତ ଭାବେ ଏହି ସମାବେଶର ଆୟୋଜନ କରାଯାଇଛି । ସେମିକନ୍ ଇଣ୍ଡିଆ ହେଉଛି ଦେଶର ପ୍ରମୁଖ ସେମିକଣ୍ଡକ୍ଟର ସମ୍ମିଳନୀ ଓ ପ୍ରଦର୍ଶନୀ । ଏହି ତିନିଦିନିଆ ସମାବେଶରେ ବିଭିନ୍ନ ପ୍ରସଙ୍ଗ ଆଧାରିତ ଆଲୋଚନା ଏବଂ ରଣନୈତିକ ଅଧିବେଶନ ଅନୁଷ୍ଠିତ ହେବ । ସେମିକଣ୍ଡକ୍ଟର କ୍ଷେତ୍ରରେ କାର୍ଯ୍ୟରତ ସ୍ୱଦେଶୀ ଏବଂ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକ ମଧ୍ୟରେ ସହଭାଗିତା, ନିବେଶ, ପ୍ରଯୁକ୍ତିବିଦ୍ୟା ସହଯୋଗ ଓ ଯୋଗାଣ ଶୃଙ୍ଖଳକୁ ସଶକ୍ତ କରିବାରେ ଏହା ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

# ସିଜିଆଇ-କୋର୍ଟ୍

ନ୍ୟାୟ ପାଳିକାରେ ନିରନ୍ତର ସଂସ୍କାର ଏବଂ ଅଧିକ ସ୍ୱଚ୍ଛତାର ଆବଶ୍ୟକତା ଉପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଷଷ୍ଠ ରାମ ଜେଠାମାଲିନୀ ସ୍ମାରକୀ ବକ୍ତୃତାରେ ଅଭିଭାଷଣ ପ୍ରଦାନ କରି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏହା କହିଛନ୍ତି । ବିଚାରପତିଙ୍କ ବିରୋଧରେ ଅଭିଯୋଗର ସମାଧାନ ପାଇଁ ସୁପ୍ରିମ୍‌କୋର୍ଟ୍ ଏବଂ ଉଚ୍ଚ ନ୍ୟାୟାଳୟ ଗୁଡ଼ିକ ଦ୍ୱାରା ବିକଶିତ ମାର୍ଗ ଦୃଢ଼, ପ୍ରତିକ୍ରିୟାଶୀଳ ଏବଂ ସମୟୋଚିତ ବୋଲି ସେ ବର୍ଣ୍ଣନା କରିଛନ୍ତି । ସଂସ୍କାରକୁ ଏକ ଆଦର୍ଶ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଏହା ବ୍ୟତିରେକ ଚିରାଚରିତ ଢଙ୍ଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକ ନିଜ କାର୍ଯ୍ୟ ପାଇଁ ଗର୍ବ କରିପାରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ନ୍ୟାୟପାଳିକା କାର୍ଯ୍ୟରେ ନିରପେକ୍ଷ, ସୂଚନା ଆଧାରିତ ଏବଂ ଗଠନ ମୂଳକ ସମାଲୋଚନା ଏକ ଦୃଢ଼ ସାମ୍ବିଧାନିକ ଗଣତନ୍ତ୍ରର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିଥାଏ । ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ନ୍ୟାୟପାଳିକାର ସ୍ୱଚ୍ଛତା ଏହି ନୀତି ଉପରେ ଆଧାରିତ । ଆଲୋଚନାଠାରୁ ଊର୍ଦ୍ଧ୍ୱରେ ରହି ଜନସାଧାରଣଙ୍କ ବିଶ୍ୱାସ ହାସଲ କରିବାରେ ଅଦାଲତ ସମର୍ଥ ହୋଇପାରିବ ନାହିଁ । ଏହା ବଦଳରେ ପ୍ରଶ୍ନ ପଚାରିବା ଏବଂ ଆବଶ୍ୟକ ସ୍ଥଳେ ସମାଲୋଚନା ପାଇଁ ଉନ୍ମୁକ୍ତ ରହିବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପରାମର୍ଶ ଦେଇଛନ୍ତି । ମାମଲା ହାରିଥିବା ବ୍ୟକ୍ତି ନ୍ୟାୟ ପ୍ରକ୍ରିୟାକୁ ନିରପେକ୍ଷ ବୋଲି

ବିଶ୍ୱାସ କଲେ ହିଁ ସାଧାରଣ କ୍ଷେତ୍ରରେ ବିଶ୍ୱାସ ଅଧିକ ସଶକ୍ତ ହୋଇଥାଏ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି ।

## ଜୟଶଙ୍କର-ଇଣ୍ଡିଆ ଭିଏତ୍‌ନାମ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଭାରତର ପୂର୍ବଭାଗ ନୀତି, ଭିଜନ ମହାସାଗର ଓ ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଦୃଷ୍ଟିକୋଣରେ ଭିଏତ୍‌ନାମ ଏକ ପ୍ରମୁଖ ଅଂଶିଦାର । ନୂଆଦିଲ୍ଲୀରେ ଭାରତ-ଭିଏତ୍‌ନାମ ମିଳିତ କମିଶନ୍‌ର ୧୯ତମ ଅଧିବେଶନରେ ସହ ଅଧ୍ୟକ୍ଷତା କରି ଡକ୍ଟର ଜୟଶଙ୍କର ଏହା କହିଛନ୍ତି ।

ବାଣିଜ୍ୟ, ଅର୍ଥନୈତିକ, ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ସଶକ୍ତ କରିବା ଲକ୍ଷ୍ୟ ନେଇ ଏହି ଅଧିବେଶନ ଅନୁଷ୍ଠିତ ହୋଇଛି । ଅଙ୍ଗୀକାର ବଦ୍ଧତାର କାର୍ଯ୍ୟାନ୍ୱୟନ ସମୀକ୍ଷା ଏବଂ ସର୍ବୋଚ୍ଚ ସ୍ତରରେ ରଣନୈତିକ ଗତିଶୀଳତାକୁ ଲୋକକୈନ୍ଦ୍ରିକ ତଥା ଫଳାଫଳ ଆଧାରିତ କରିବା ପାଇଁ ଏହି ଅଧିବେଶନ ଏକ ମଞ୍ଚ ପ୍ରଦାନ କରିଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ତିନି ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ମିଳିତ କମିଶନ୍ ଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କ ତ୍ୱରାନ୍ୱିତ

ହୋଇଛି । ବୈଠକ ଅବସରରେ ଭିଏତ୍‌ନାମ ବୈଦେଶିକ ମନ୍ତ୍ରୀ ଲେ ହୁଇ ଟ୍ରଙ୍ଗ୍‌ଙ୍କ ସହ ଡକ୍ଟର ଜୟଶଙ୍କର ବିଭିନ୍ନ ଦ୍ୱିପାକ୍ଷିକ ତଥା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି ।

ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ, ବାଣିଜ୍ୟ, ନିବେଶ, ଯୋଗାଣ ଶୃଙ୍ଖଳରେ ବ୍ୟାପକତା, ଭାରତୀୟ ସାମୁଦ୍ରିକ ଓ କୃଷି ଉତ୍ପାଦ ଏବଂ ଔଷଧ ପାଇଁ ବଜାର ପ୍ରବେଶ, ଜଳପଥ ଓ ଆକାଶପଥ ଯୋଗାଯୋଗ, ପରମାଣୁ ଶକ୍ତି, ମହାକାଶ କ୍ଷେତ୍ରରେ ସୁଯୋଗ, ଲୋକ ସମ୍ପର୍କ ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଉଭୟଙ୍କ ମଧ୍ୟରେ ମତବିନିମୟ ହୋଇଥିବା ଜଣାପଡ଼ିଛି । ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କର ୫୫ ବର୍ଷ ପାଳନ ଅବସରରେ ଆସନ୍ତା ବର୍ଷକୁ ବନ୍ଧୁତ୍ୱ ବର୍ଷ ଭାବେ ପାଳନ କରିବାକୁ ଉଭୟ ଦେଶ ସହମତ ହୋଇଛନ୍ତି ।

## ଗୁଜରାଟ-ଓ୍ୱାର୍ଲ୍ଡ ଇକୋନମିକ୍ ଫୋରମ୍

ଗୁଜରାଟର ଗାନ୍ଧିନଗର ମହାତ୍ମା ମନ୍ଦିରରେ ବିଶ୍ୱ ପୁନଃ ସଂଯୋଜିତ ଅର୍ଥନୀତି ସମ୍ମିଳନୀ-୨୦୨୬ ଆଜିଠାରୁ ଆରମ୍ଭ ହେବ । ଦକ୍ଷିଣ ଏସିଆରେ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀକୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମିଳିତ ଭାବେ ଉଦ୍‌ଘାଟନ

କରିବେ । 'ପୁନଃ ସଂଯୋଜିତ ଅର୍ଥନୀତି : ଲୋକଙ୍କ ପାଇଁ ପରିବର୍ତ୍ତନ ଓ ସମୃଦ୍ଧି' ପ୍ରସଙ୍ଗ ଉପରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ୬୫ରୁ ଅଧିକ ଦେଶର ୨ହଜାରରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ । ଦକ୍ଷିଣ ଏସିଆରେ ଆର୍ଥିକ ପରିବର୍ତ୍ତନ କ୍ଷେତ୍ରରେ ନିରନ୍ତରତାକୁ ପ୍ରୋତ୍ସାହିତ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ।

ପୁନଃ ବ୍ୟବହାର, ପୁନଃ ପ୍ରସ୍ତୁତି ଏବଂ ପୁନଃ ଚକ୍ରଣକୁ ଗୁରୁତ୍ୱ ଦେଇ ବୈଶ୍ୱିକ ସ୍ତରରେ ଆର୍ଥିକ ବ୍ୟବସ୍ଥାକୁ ପୁନଃ ସଂଯୋଗୀକରଣ ସହ ତ୍ୱରାନ୍ୱିତ କରିବାରେ ଏହି ସମ୍ମିଳନୀ ଲକ୍ଷ୍ୟ ରଖିଛି । ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତାର ଉପଯୋଗ, ସବୁଜ ଶକ୍ତି, ନିରନ୍ତର ଅର୍ଥନୀତି, ଶାସନ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଭଳି ପ୍ରମୁଖ ପ୍ରସଙ୍ଗ ଆଧାରରେ ଚାରୋଟି ପୂର୍ଣ୍ଣାଙ୍ଗ ଓ ୧୬ଟି ବିଷୟବସ୍ତୁ ଆଧାରିତ ଅଧିବେଶନର ଆୟୋଜନ କରାଯିବ । ଏହି ଅବସରରେ ପୁନଃ ସଂଯୋଜିତ ବ୍ୟାବସାୟିକ ରୂପରେଖକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଏକ ପ୍ରଦର୍ଶନୀ ଆୟୋଜନ କରାଯିବ । ଏଥିରେ ୧୨୫ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରିବେ । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଫିନିସ୍ ଇନୋଭେସ୍ ଫଣ୍ଡ ସିତ୍ରା ଏବଂ ଗୁଜରାଟ ସରକାରଙ୍କ ମିଳିତ ସହଯୋଗରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଆସନ୍ତାକାଲିର ଉଦ୍‌ଯାପନୀ

ଅଧିବେଶନରେ ପରିବେଶ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଏବଂ ଫିନ୍‌ଲାଣ୍ଡ ପରିବେଶ ମନ୍ତ୍ରୀ ସରି ମୁଲତାଲ୍ଲା ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ୟୁପିଆଇ-ପେମେଣ୍ଟ

୨ହଜାର ଟଙ୍କା ପର୍ଯ୍ୟନ୍ତ ୟୁପିଆଇ କାରବାର ଉପରେ ବ୍ୟାଙ୍କ୍ କୌଣସି ଶୁଳ୍କ ଲାଗୁ କରିପାରିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ଏ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ରୁପେ ଡେବିଟ୍‌କାର୍ଡ଼ ମାଧ୍ୟମରେ କରାଯାଉଥିବା ୨ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦେଣନେଣ ଉପରେ ବ୍ୟାଙ୍କ୍ କିମ୍ବା ସୁବିଧାପ୍ରଦାନକାରୀ ସଂସ୍ଥା କୌଣସି ପ୍ରକାର ପ୍ରତ୍ୟକ୍ଷ ବା ପରୋକ୍ଷ ଶୁଳ୍କ ଲାଗୁ କରିପାରିବେ ନାହିଁ । ୟୁପିଆଇ କାରବାର ନେଇ ଶୁଳ୍କ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଏହି ବିଜ୍ଞପ୍ତିରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ ସୂଚନା ପ୍ରଦାନ କରାଯାଇଛି । ୟୁପିଆଇ ମାଧ୍ୟମରେ ଆର୍ଥିକ କାରବାର ପାଇଁ ଉପଭୋକ୍ତାଙ୍କଠାରୁ କୌଣସି ଶୁଳ୍କ ଆଦାୟ କରାଯିବ ନାହିଁ ବୋଲି ଗତମାସରେ ସରକାର ଘୋଷଣା କରିଥିଲେ । ତେବେ ଭବିଷ୍ୟତରେ ବାଣିଜ୍ୟିକ ରିହାତି ହାର ପ୍ରଦାନ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ଚିହ୍ନଟ କାରବାର ପର୍ଯ୍ୟନ୍ତ ଏହି ଶୁଳ୍କ ସୀମିତ ରହିବ ବୋଲି ସରକାର କହିଥିଲେ । ବ୍ୟକ୍ତିଗତ ସ୍ତରରେ ୟୁପିଆଇ କାରବାର ନିଶୁଳ୍କ ରହିବ ଏବଂ ବ୍ୟବସାୟିଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ

ବାଣିଜ୍ୟିକ ରିହାତି ହାର ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇନାହିଁ ବୋଲି ଅର୍ଥମନ୍ତ୍ରଣାଳୟ କହିଛି ।

## ଏନ୍‌ଏଚ୍‌ଏଆଇ

ଜାତୀୟ ରାଜପଥ ପ୍ରାଧିକରଣ-ଏନ୍.ଏଚ୍.ଏ.ଆଇ. କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ ମାଧ୍ୟମରେ କାର୍ଯ୍ୟକ୍ଷମ ଥିବା ୧୦୩୩ ହେଲ୍‌ପଲାଇନ ନମ୍ବରର ବ୍ୟବହାରକୁ ଅଧିକ ବିକଶିତ କରିଛି । ନାଗରିକଙ୍କୁ ତ୍ୱରିତ ତଥା ଗୁଣବତ୍ତାସମ୍ପନ୍ନ ସହାୟତା ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି ହେଲ୍‌ପଲାଇନ୍ ମାଧ୍ୟମରେ ଏଣିକି ଫୋନ୍ କରୁଥିବା ବ୍ୟକ୍ତିବିଶେଷଙ୍କର ସଠିକ୍ ସ୍ଥାନ, ବ୍ୟବହାର କରୁଥିବା ଭାଷାକୁ ଆଧାର କରି ଉପଯୁକ୍ତ ସମୟରେ ତ୍ୱରିତ ସେବା ଯୋଗାଇ ଦିଆଯାଇପାରିବ । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ମାନବଦ୍ୱାରା ପରିଚାଳିତ ଏହି ଜରୁରୀକାଳୀନ ସେବା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ୨୪ ଘଣ୍ଟିଆ ୧୦୩୩ ହେଲ୍‌ପଲାଇନ୍ ନମ୍ବର ୨୦୧୮ ମସିହାରୁ ପ୍ରଚଳନ କରାଯାଇଛି । ଏହା ମାଧ୍ୟମରେ ଜାତୀୟ ରାଜପଥରେ ଯାତାୟତ କରୁଥିବା ପ୍ରତ୍ୟେକ ଯାତ୍ରୀବାହୀ ତଥା ଜରୁରୀ ସେବା ପ୍ରଦାନକାରୀ ଯାନବାହନଗୁଡ଼ିକର ସମସ୍ତ ସମସ୍ୟାର ସମାଧାନ ହୋଇପାରିବ । ଦେଶର ୧ ଲକ୍ଷ ୪୬ ହଜାର

କିଲୋମିଟରରୁ ଅଧିକ ଜାତୀୟ ରାଜପଥ ଏହି ହେଲ୍‌ପଲାଇନ୍ ପରିସରଭୁକ୍ତ ହେବା ସହ ବିଭିନ୍ନ ଭାଷାରେ ସେବା ଯୋଗାଇ ଆସୁଛି ।

## କ୍ରିକେଟ୍

ଭାରତ ଓ ଆଫଗାନିସ୍ତାନ ପୁରୁଷ ବର୍ଗ ଚଳିତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ଖେଳାଯିବ । ନୂଆଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଗତ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଆସନ୍ତା ଗୁରୁବାର ଦିନ ସେହି ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।

## ଆଇଏସ୍ଏସ୍ଏଫ୍-ସୁଟିଂ

ଇଟାଲୀର ପୋର୍‌ପେଟୋ ଠାରେ ଆଇ.ଏସ୍.ଏସ୍.ଏଫ୍. ଜୁନିୟର୍ ବିଶ୍ୱକପ୍ ସଟ୍‌ଗନ୍ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହେଉଛି । ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୦ ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରୁଛନ୍ତି । ମିଳିତ ଟ୍ରାପ୍ ଇଭେଣ୍ଟ ସହିତ

ପୁରୁଷ ଏବଂ ମହିଳା ଟ୍ରାପ୍ ଓ ସ୍କିଟ୍ ବର୍ଗରେ ଭାରତୀୟ ଖେଳାଳି ପ୍ରତିଦ୍ୱନ୍ଦ୍ୱୀତା କରିବେ । ୩୦ଟି ସଂଘର ମୋଟ୍ ୨୧୮ ଜଣ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । କାଇରୋ ଠାରେ ଗତ ଏପ୍ରିଲ୍ ମାସରେ ଅନୁଷ୍ଠିତ ଜୁନିୟର୍ ବିଶ୍ୱକପ୍ ପ୍ରତିଯୋଗିତାରେ ଭାରତୀୟ ବନ୍ଧୁକ ଚାଳକ ୫ଟି ସ୍ୱର୍ଣ୍ଣ ସହ ୧୬ଟି ପଦକ ଜିତିଥିଲେ ।